# ଓରିଏଣ୍ଟ ଇଲେକ୍ଟ୍ରିକାଲର ନୂଆ ବ୍ରାଣ୍ଡ

**ଏଜେନ୍ସି: ଭୁବନେଶ୍ବର, ୨୪।୪**

ବୈଦ୍ୟୁତିକ ଉପକରଣ ପ୍ରସ୍ତୁତିରେ ଦେଶରେ ଅଗ୍ରଣୀ ସିକେ ବିର୍ଲା ଗ୍ରୁପର ଏକ ଅଂଶ ଓରିଏଣ୍ଟ ଇଲେକ୍ଟ୍ରିକାଲ ତରଫରୁ 'ଓରିଏଣ୍ଟ ଇଲେକ୍ଟ୍ରିକ୍' ନାମକ ନୂତନ ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି । ବହୁ ବର୍ଷରୁ ଭାରତୀୟ ଗ୍ରାହକମାନଙ୍କ ଘରେ ଘରେ ଓରିଏଣ୍ଟ ଫ୍ୟାନ ପରିଚିତ ରହିଛି ଏବେ କମ୍ପାନି ଏହାର କାର୍ଯ୍ୟ ପରିସର ବୃଦ୍ଧି କରି ଆଧୁନିକ ଗ୍ରାହକମାନଙ୍କ ପାଇଁ ସ୍ମାର୍ଟ ସମ୍ପୂର୍ଣ୍ଣ ହୋମ ସଲ୍ୟୁସନ୍ ପ୍ରଡ଼କ୍ଟ ଯୋଗାଇବ । ଗ୍ରାହକମାନଙ୍କୁ ଏହାର ପ୍ରଡ଼କ୍ଟର ଏକ ଭିନ୍ନ ଅନୁଭବ ପ୍ରଦାନ କରିବା ପାଇଁ କମ୍ପାନି ଏହାର ନୂତନ ବ୍ରାଣ୍ଡର ଶୁଭାରମ୍ଭ କରିଛି । ଏହି ବ୍ରାଣ୍ଡ କମ୍ ବିଦ୍ୟୁତ ବ୍ୟବହାର କରୁଥିବା ଲାଇଟ୍ ପ୍ରଡ଼କ୍ଟ, ଫ୍ୟାନ ଏବଂ ହୋମ ଆପ୍ଲିଆନ୍ସ ପ୍ରସ୍ତୁତ କରିବ ।



ମନୋଜ ବର୍ମା

ଏହି ଅବସରରେ ସିକେ ବିର୍ଲା ଗ୍ରୁପର ଚେୟାରମ୍ୟାନ ସିକେ ବିର୍ଲା ଏବଂ ସିଇଓ ମନୋଜ ବର୍ମା କହିଛନ୍ତି ଯେ, ଓରିଏଣ୍ଟ ଏବେ ଘରର ତଥା ଲୋକମାନଙ୍କ ଜୀବନ ଶୈଳୀ ବଦଳାଉଥିବା ସଲ୍ୟୁସନର ରୂପ ନେଇଛି । ଉନ୍ନତ ପ୍ରଡ଼କ୍ଟ ଗୁଡ଼ିକୁ ପ୍ରସ୍ତୁତ କରି ଏହି ବ୍ରାଣ୍ଡ ନୂତନ ପିଢ଼ିର ଗ୍ରାହକମାନଙ୍କର ଆବଶ୍ୟକତା ଅନୁସାରେ ସେମାନଙ୍କର ଚାହିଦା ପୂରଣ କରିବ । ଆଗକୁ ଦେଶ କିମ୍ବା ବାହାରେ ମଧ୍ୟ ଓରିଏଣ୍ଟଇଲେକ୍ଟ୍ରିକ ନିଜ ବ୍ୟବସାୟ ପରିସର ବୃଦ୍ଧି କରି ବିଶ୍ୱ ଦରବାରରେ ନିଜର ପ୍ରଡ଼କ୍ଟ ଯୋଗାଇବାର ଯୋଜନା କରିଛି ।